ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ରସଂଖ୍ୟା. ୫୪୫ / ସୂ.ଲୋ.ସଂ., ତା. ୨୭/୦୯/୨୦୧୮

e-mail- dkl.dipro@gmail.com
ଦୂରଭାଷ- (୦୬୭୬୨)-୨୨୦୪୦୪

# ବିଶ୍ୱ ପର୍ଯ୍ୟଟନ ଦିବସ ସଚେତନତା ରାଲି ଆୟୋଜିତ

ଢେଙ୍କାନାଳ, ତା ୨୭.୦୯.୨୦୧୮ରିଖ- ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଉପଲକ୍ଷେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସହରର ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ରାଲି ଆଜି ସକାଳ ଘ.୮-୩୦ମି. ସମୟରେ ସ୍ଥାନୀୟ ବଳରାମ ମନ୍ଦିରଠାରୁ ଢେଙ୍କାନାଳ ସଦର ଉପଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ଏହି ଶୁଭାରମ୍ଭ ସମୟରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ନଟବର ନାଏକ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ହରିହର ପଞ୍ଝୁଆତି, ବି.ବି. ହାଇସ୍କୁଲ ଢେଙ୍କାନାଳର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ରାଲିରେ ବି.ବି. ହାଇସ୍କୁଲ ଓ ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ସହର ପରିକ୍ରମା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ପର୍ଯ୍ୟଟନ ସଂପର୍କୀତ ସଚେତନତା ପ୍ଲାକାର୍ଡ ଓ ବ୍ୟାନର ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ପର୍ଯ୍ୟଟକମାନଙ୍କୁ ଉତ୍ତମ ବ୍ୟବହାର ଓ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା । ଆମ ଦେଶ ଓ ରାଜ୍ୟକୁ ଅଧିକରୁ ଅଧିକ ପର୍ଯ୍ୟଟକ ଦେଶ ବିଦେଶରୁ ଆସିଲେ ପର୍ଯ୍ୟଟନର ବିକାଶ ହେବା ସହିତ ଆମର ଅର୍ଥନୀତି ବୃଦ୍ଧି ହୋଇପାରିବ ବୋଲି ସଚେତନତା ରାଲି ଶୁଭାରମ୍ଭରେ ବରେଣ୍ୟ ଅତିଥିମାନେ ମତ ପ୍ରକାଶ କରିଥିଲେ ।

-------------------------

ହେମନ୍ତ କୁମାର ନାୟକ ୨୭/୯/୧୮

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ଢେଙ୍କାନାଳ

ଏହାର ଏକକିତା ନକଲ ସମ୍ପୃକ୍ତ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।